# NATIONAL NEWS BULLETIN (ODIA)
## 30 April - 2026
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଭୋଟଗଣନା କେନ୍ଦ୍ରକୁ ଅନଧିକାର ପ୍ରବେଶ ଦୂର କରିବା ଲକ୍ଷ୍ୟ ନେଇ କ୍ୟୁ.ଆର୍. କୋଡ୍ ଆଧାରିତ ଫଟୋ ପରିଚୟପତ୍ର ବ୍ୟବସ୍ଥା କାର୍ଯ୍ୟକାରୀ କଲେ ନିର୍ବାଚନ କମିଶନ୍ ।
- ଓଡ଼ିଶାକୁ ଆସନ୍ତାକାଲି ଗସ୍ତରେ ଆସିବେ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ।

– ରାୟଗଡ଼ା ଠାରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟସଡ଼କ ଯୋଜନାର ଚତୁର୍ଥ ପର୍ଯ୍ୟାୟର କରିବେ ଶୁଭାରମ୍ଭ ।

- ଗ୍ୟାଙ୍ଗ୍‌ଟକ୍‌ଠାରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ପ୍ରଯୁକ୍ତିବିଦ୍ୟା ଏବଂ ନ୍ୟାୟିକ ସଂସ୍କାର ଆଧାରିତ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ।
- ଜଳବାୟୁ ସହନଶୀଳ ରାସ୍ତା ଭିତ୍ତିଭୂମି ନିର୍ମାଣ ଉପରେ ଗୁରୁତ୍ୱପ୍ରଦାନ କଲେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଆଜିର ମ୍ୟାଚ୍‌ରେ ଟସ୍ ଜିତି ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କଲା ଗୁଜରାଟ ଟାଇଟନ୍ସ ।

## ଇସି-କ୍ୟୁଆର୍ କୋଡ୍

ଭୋଟ ଗଣନା କେନ୍ଦ୍ରକୁ ଅନଧିକାର ପ୍ରବେଶ ଦୂର କରିବା ଲକ୍ଷ୍ୟ ନେଇ ନିର୍ବାଚନ କମିଶନ୍ ଏକ କ୍ୟୁଆର୍ କୋଡ୍ ଆଧାରିତ ଫଟୋ ପରିଚୟପତ୍ର ବ୍ୟବସ୍ଥାକୁ ପ୍ରଚଳନ କରିଛନ୍ତି । ଇ.ସି.ଆଇ. ନେଟ୍ ପ୍ଲାଟ୍‌ଫର୍ମ ମାଧ୍ୟମରେ ଏହାକୁ ପ୍ରଚଳନ କରାଯାଇଥିବା କମିଶନ୍‌ଙ୍କ ପକ୍ଷରୁ କୁହାଯାଇଛି । ଆସନ୍ତା ମାସ ୪ ତାରିଖରେ ହେବାକୁ ଥିବା ଭୋଟ୍ ଗଣନାରେ ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବ । ଆସାମ, କେରଳମ୍, ତାମିଲନାଡୁ, ପଶ୍ଚିମବଙ୍ଗ ଏବଂ ପୁଡୁଚେରୀ ବିଧାନସଭା ନିର୍ବାଚନ ସମେତ ୫ଟି ରାଜ୍ୟର ୭ଟି ବିଧାନସଭା ଉପନିର୍ବାଚନ ମଣ୍ଡଳୀ ପାଇଁ ହୋଇଥିବା ମତଗ୍ରହଣର ୪ ତାରିଖରେ ଗଣତି କରାଯିବ । ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହିତ କ୍ୟୁ.ଆର୍. କୋଡ୍ ପ୍ରଚଳନ ଗଣନା କେନ୍ଦ୍ରର ସୁରକ୍ଷାକୁ ସୁନିଶ୍ଚିତ କରିବ ବୋଲି କମିଶନ୍ ଆଶାବ୍ୟକ୍ତ କରିଛନ୍ତି । ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ରିଟର୍ଣ୍ଣିଂ ଅଫିସର୍‌ଙ୍କ ଦ୍ୱାରା ଜାରି କରାଯାଇଥିବା ପରିଚୟପତ୍ରଗୁଡ଼ିକୁ ବ୍ୟକ୍ତିଗତସ୍ତରୀୟ ଯାଞ୍ଚ କରାଯିବ ।

# ଶିବରାଜ ସିଂହ ଚୌହାନ-ଓଡ଼ିଶା

କୃଷି, କୃଷକ କଲ୍ୟାଣ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସିବେ । ଗସ୍ତ ଅବସରରେ ରାୟଗଡ଼ାଠାରେ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶ୍ରୀ ଚୌହାନ ଅଂଶଗ୍ରହଣ କରିବେ । ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଶ୍ରୀ ଚୌହାନ ସେଠାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ଚତୁର୍ଥ ପର୍ଯ୍ୟାୟର ଶୁଭାରମ୍ଭ କରିବେ । ଏହି ଯୋଜନା ଅଧୀନରେ ପ୍ରାୟ ୧ ହଜାର ୭୦୧ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ୮ ହଜାର ୨୭ଟି ରାସ୍ତା ପ୍ରକଳ୍ପ କାର୍ଯ୍ୟକାରୀ ହେବ । ଏଥିପାଇଁ ୧୬୦୦ କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ କରାଯାଇଛି । ଏହାଦ୍ୱାରା ୮୯୮ଟି ଜନବସତି ଅଞ୍ଚଳକୁ ପ୍ରଥମଥର ପାଇଁ ସବୁଦିନିଆ ରାସ୍ତା ସଂଯୋଗୀକରଣ ସମ୍ଭବ ହୋଇପାରିବ ।

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ଓଡ଼ିଶାରେ ଏ ପର୍ଯ୍ୟନ୍ତ ୭୪ ହଜାର ୭୨୫ କିଲୋମିଟର ସଡ଼କ ଯୋଗାଯୋଗ ସହ ୭୦୭ଟି ସେତୁକୁ ମିଶାଇ ୧୭ ହଜାର ୭୬୦ଟି ରାସ୍ତା ନିର୍ମାଣ ଅନୁମୋଦନ ପାଇସାରିଛି । ଇତିମଧ୍ୟରେ ୭୧ ହଜାର ୭୪୨ କିଲୋମିଟର ସଡ଼କପଥ ଏବଂ ୬୫୮ଟି ସେତୁକୁ ମିଶାଇ ୧୭ ହଜାର ୭୬୦ଟି ରାସ୍ତା ସମ୍ପୂର୍ଣ୍ଣ ହୋଇସାରିଛି ବୋଲି ମନ୍ତ୍ରଣାଳୟ କହିଛି ।

## ସିକିମ୍ ସିଜେଆଇ-କନ୍‌କ୍ଲେଭ୍

ପ୍ରଯୁକ୍ତିବିଦ୍ୟା ଏବଂ ନ୍ୟାୟିକ ସଂସ୍କାର ଆଧାରିତ ଏକ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ଆସନ୍ତାକାଲିଠାରୁ ସିକ୍କିମ୍‌ର ଗ୍ୟାଙ୍ଗ୍‌ଟକ୍‌ଠାରେ ଆରମ୍ଭ ହେବ । ସୁପ୍ରିମ୍‌କୋର୍ଟ୍‌ର ଇ-କମିଟି ସହଯୋଗରେ ସିକ୍କିମ୍ ହାଇକୋର୍ଟ୍ ଦ୍ୱାରା ଏହି ସମ୍ମିଳନୀର ଆୟୋଜନ କରାଯାଇଛି । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ସିକ୍କିମ୍ ମୁଖ୍ୟମନ୍ତ୍ରୀ ପ୍ରେମ ସିଂହ ତମାଙ୍ଗ ଗୋଲେଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବେ । ଏହି ଅବସରରେ ସିକ୍କିମ୍‌କୁ କାଗଜବିହିନ ନ୍ୟାୟପାଳିକା ରାଜ୍ୟ ଭାବେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଘୋଷଣା କରିବେ । ଏହି ଦୁଇ ଦିନିଆ ସମ୍ମିଳନୀ ଅବସରରେ ବିଚାର ବିଭାଗୀୟ ଅଧିକାରୀ, ଆଇନ୍ ବିଶେଷଜ୍ଞ, ଶିକ୍ଷାବିତ୍, ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞ ପ୍ରମୁଖ ଯୋଗଦେଇ ନ୍ୟାୟିକ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ପ୍ରଯୁକ୍ତିବିଦ୍ୟାର ଭୂମିକା ଉପରେ ଆଲୋଚନା କରିବେ ।

## ବୈଷ୍ଣବ-ବନ୍ଦେ ଭାରତ

ଜାମ୍ମୁ ଏବଂ ଶ୍ରୀନଗର ମଧ୍ୟରେ ରେଳ ଯୋଗାଯୋଗ କାର୍ଯ୍ୟକ୍ଷମ ହେବା ସହିତ ଦେଶରେ ରେଳ ସଂଯୋଗ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି ବୋଲି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଜାମ୍ମୁ ତାୱି ରେଳ

ଷ୍ଟେସନ୍‌ରୁ ପରିବର୍ଦ୍ଧିତ ଶ୍ରୀନଗର-ଜାମ୍ମୁ ବନ୍ଦେ ଭାରତ ଏକ୍ସପ୍ରେସ୍ ସେବାକୁ ପତାକା ଦେଖାଇ ଶୁଭାରମ୍ଭ କରିବା ଅବସରରେ ଜନସମାବେଶକୁ ସମ୍ବୋଧନ କରି ଶ୍ରୀ ବୈଷ୍ଣବ ଏହା କହିଛନ୍ତି । ସେ କହିଛନ୍ତି, ଜାମ୍ମୁ କାଶ୍ମୀରର ପାହାଡ଼ିଆ ଅଞ୍ଚଳକୁ ରେଳ ଯୋଗାଯୋଗ ସମ୍ଭବ ଦ୍ୱାରା ଦେଶବାସୀ ସୁଫଳ ପାଇବେ । ଉନ୍ନତ ସଂଯୋଗୀକରଣ ସେହି ଅଞ୍ଚଳରେ ସାମଗ୍ରୀ ଏବଂ ଯାତ୍ରୀ ପରିବହନର ସହଜତାକୁ ତ୍ୱରାନ୍ୱିତ କରିବ । ଜାମ୍ମୁ କାଶ୍ମୀରରେ ଧାରା ୩୭୦ ଉଚ୍ଛେଦ ପରେ ସେଠାରେ ବିକାଶ ତ୍ୱରାନ୍ୱିତ ହୋଇପାରିଛି ।

ଗତ ବର୍ଷ ଜୁନ୍ ମାସରେ କଟ୍ରାରୁ କାଶ୍ମୀର ପର୍ଯ୍ୟନ୍ତ ବନ୍ଦେ ଭାରତ ଟ୍ରେନ୍ ସେବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭାରମ୍ଭ କରିଥିଲେ । ସେବେଠାରୁ ୫ ଲକ୍ଷ ୫୦ ହଜାରରୁ ଅଧିକ ଯାତ୍ରୀ ଏହି ସେବାର ସୁଫଳ ପାଇଛନ୍ତି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ଟ୍ରେନ୍‌ରେ କୋଚ୍ ସଂଖ୍ୟା ମଧ୍ୟ ୮ରୁ ୨୦କୁ ବୃଦ୍ଧି ପାଇଛି ।

**VO-ASHWINI-VANDE-BHARAT**

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଏହି ସମାରୋହରେ ଯୋଗଦେଇ କହିଛନ୍ତି, ଜାମ୍ମୁ କାଶ୍ମୀରକୁ ସିଧାସଳଖ ଟ୍ରେନ୍ ସେବା ଆରମ୍ଭ ହେବା ଦ୍ୱାରା ପରିଚାଳନା ଦକ୍ଷତାରେ ଉନ୍ନତି ଆସିବା ସହିତ ଯାତ୍ରୀ ସୁବିଧା ଏବଂ ସମଗ୍ର ଅଞ୍ଚଳରେ ବାଣିଜ୍ୟ କାରବାର ପ୍ରୋତ୍ସାହିତ ହେଉଛି । ସୁରକ୍ଷା କର୍ମୀଙ୍କର ସୁଗମ ଏବଂ ସମୟୋପଯୋଗୀ

ଗତିବିଧିକୁ ମଧ୍ୟ ଏହି ରେଳ ଯୋଗାଯୋଗ ସହଯୋଗ ପ୍ରଦାନ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ଶ୍ରୀନଗର-ଜାମ୍ମୁ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ନିୟମିତ ସେବା ଶନିବାରଠାରୁ ଆରମ୍ଭ ହେବ ।

## ଗଡ଼କରୀ-କ୍ଲାଇମେଟ୍ ରିଜ୍‌ଲେଣ୍ଟ ରୋଡସ୍

ହିମାଳୟ ଅଞ୍ଚଳରେ ପରିବର୍ତ୍ତିତ ଜଳବାୟୁ ସହନଶୀଳ ରାସ୍ତା ଭିତ୍ତିଭୂମି ନିର୍ମାଣ ଆବଶ୍ୟକତା ଉପରେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଆଜି ନୂଆଦିଲ୍ଲୀରେ ନିରନ୍ତର ପାହାଡ଼ିଆ ରାସ୍ତା ପାଇଁ ଭୂସ୍ଖଳନ ପ୍ରସମନ ପଦକ୍ଷେପ ସମ୍ପର୍କିତ ଏକ କର୍ମଶାଳାକୁ ସମ୍ବୋଧନ କରି ଶ୍ରୀ ଗଡ଼କରୀ କହିଛନ୍ତି, ବିଶ୍ୱସ୍ତରୀୟ ସର୍ବୋତ୍ତମ ପଦକ୍ଷେପ ଏବଂ ଉନ୍ନତ ପ୍ରଯୁକ୍ତିବିଦ୍ୟା ଉପଯୋଗ ନେଇ ନିରନ୍ତର ପ୍ରୟାସ ଜାରି ରହିଛି ।

ପାହାଡ଼ିଆ ଅଞ୍ଚଳରେ ଦୀର୍ଘକାଳୀନ ସୁରକ୍ଷିତ ଏବଂ ସ୍ଥାୟୀତ୍ୱକୁ ସୁନିଶ୍ଚିତ କରୁଥିବା ରାସ୍ତା ନିର୍ମାଣ ପୂର୍ବରୁ ଖାଲୁଆ ଅଞ୍ଚଳ ଚିହ୍ନଟକୁ ପ୍ରାଥମିକତା ପ୍ରଦାନ କରାଯିବା ପାଇଁ ନୀତିଗତ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ଶ୍ରୀ ଗଡ଼କରୀ କହିଛନ୍ତି । ଉନ୍ନତ ପ୍ରଯୁକ୍ତିବିଦ୍ୟା ବ୍ୟବହାର ମାଧ୍ୟମରେ ବିଭିନ୍ନ ସ୍ଥାନରେ କ୍ଷେତ୍ରିୟ ସର୍ଭେ ଦ୍ୱାରା ବିସ୍ତୃତ ବିକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯାଉଛି ବୋଲି ସେ କହିଛନ୍ତି । ଭୂସ୍ଖଳନ, ସମ୍ବେଦନଶୀଳ

ଅଞ୍ଚଳ ଏବଂ ସେ କ୍ଷେତ୍ରର ପୂର୍ବ ତଥ୍ୟ ସବୁକୁ ସମୀକ୍ଷା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି । ପାହାଡ଼ିଆ ଅଞ୍ଚଳରେ ନିରାପଦ, ସୁଗମ ଏବଂ ସ୍ଥାୟୀ ରାଜପଥ ନିର୍ମାଣ କ୍ଷେତ୍ରରେ ସରକାରଙ୍କ ଅଙ୍ଗୀକାରବଦ୍ଧତାକୁ ଏହା ପ୍ରତିଫଳନ କରୁଛି ବୋଲି ଶ୍ରୀ ଗଡ଼କରୀ କହିଛନ୍ତି ।

## ମାଇନରିଟି-ଆଫେୟାର୍ ହଜ୍

ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ କହିଛି, ପ୍ରତ୍ୟେକ ଭାରତୀୟ ମୁସଲମାନଙ୍କ ସୁଲଭ ହଜ୍ ଯାତ୍ରା ପାଇଁ ଅଙ୍ଗୀକାରବଦ୍ଧ । ହଜ୍ ବିମାନ ଭଡ଼ା ବୃଦ୍ଧି ସମ୍ପର୍କରେ ଗଣମାଧ୍ୟମ ପ୍ଲାଟ୍‌ଫର୍ମ ଗୁଡ଼ିକରେ ପ୍ରଚାରିତ ହେଉଥିବା ସନ୍ଦେଶ ଉପରେ ପ୍ରତିକ୍ରିୟା ରଖି ମନ୍ତ୍ରଣାଳୟ କହିଛି, ପଶ୍ଚିମ ଏସିଆ ସଂକଟ ପରିସ୍ଥିତି ସତ୍ତ୍ୱେ ହଜ୍ ତୀର୍ଥ ଯାତ୍ରୀଙ୍କ ପାଇଁ ବିମାନ ଭଡ଼ା ୧୦୦ ଡଲାର୍ ମଧ୍ୟରେ ସୀମିତ ରହିଛି । ଇନ୍ଧନ ମୂଲ୍ୟ ବୃଦ୍ଧି ଯୋଗୁଁ ବିମାନ କମ୍ପାନୀଗୁଡ଼ିକ ପକ୍ଷରୁ ୩୦୦ରୁ ୪୦୦ ଡଲାର୍ ଭଡ଼ା ବୃଦ୍ଧି ପାଇଁ ଦାବି କରାଯାଇଥିଲା । ସରକାର ଏ ସଂକ୍ରାନ୍ତ ଚାପକୁ ଗ୍ରହଣ କରିବା ସହ ତୀର୍ଥ ଯାତ୍ରୀଙ୍କୁ ସୁରକ୍ଷା ପ୍ରଦାନ କରୁଛନ୍ତି ବୋଲି ମନ୍ତ୍ରଣାଳୟ କହିଛି । ୧ ଲକ୍ଷରୁ ଅଧିକ ପଞ୍ଜିକୃତ ତୀର୍ଥ ଯାତ୍ରୀଙ୍କ ପାଇଁ ବାଧାମୁକ୍ତ ହଜ୍ ଯାତ୍ରା ଲାଗି ସରକାରଙ୍କର ପ୍ରୟାସ ଜାରି ରହିଛି । ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ସୁଗମ ହଜ୍ ଯାତ୍ରାକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ

ବିମାନ ଯାତ୍ରୀ ଭଡ଼ା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ ଉପରେ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ଶ୍ରୀ ରିଜିଜୁ କହିଛନ୍ତି ।

## ଇଣ୍ଟରମିନିଷ୍ଟ୍ରିଆଲ୍-ବ୍ରିଫ୍

ଦେଶରେ ପର୍ଯ୍ୟାପ୍ତ ପରିମାଣର ସାର ଉପଲବ୍ଧ ରହିଛି । ୨୦୨୬ ଖରିଫ୍ ଋତୁ ପାଇଁ ଯୋଗାଣ ଆବଶ୍ୟକତାଠାରୁ ଅଧିକ ସାର ଥିବା ସରକାର ନିଶ୍ଚିତ କରିଛନ୍ତି । ନୂଆଦିଲ୍ଲୀରେ ଆନ୍ତଃ ମନ୍ତ୍ରଣାଳୟ ବୈଠକ ପରିପ୍ରେକ୍ଷୀରେ ଗଣମାଧ୍ୟମକୁ ଆଜି ସମ୍ବୋଧନ କରି ସାର ବିଭାଗର ଅତିରିକ୍ତ ସଚିବ ଅପର୍ଣ୍ଣା ଶର୍ମା ଏହି ସୂଚନା ଦେଇଛନ୍ତି ।

ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି, ଦେଶ ବ୍ୟାପି ଏଲ୍.ପି.ଜି., ପେଟ୍ରୋଲ୍ ଏବଂ ଡିଜେଲ୍‌ର ନିରନ୍ତର ଯୋଗାଣ ଜାରି ରହିଛି । ଅନ୍‌ଲାଇନ୍ ଏଲ୍.ପି.ଜି. ବୁକିଂ ୯୮ ପ୍ରତିଶତକୁ ବୃଦ୍ଧି ପାଇଥିବା ବେଳେ ପ୍ରାୟ ୯୩ ପ୍ରତିଶତ ବିତରଣ ଓ.ଟି.ପି. ମାଧ୍ୟମରେ ସୁନିଶ୍ଚିତ କରାଯାଇଛି । ପ୍ରାୟ ୪୩ ହଜାର ଉପଭୋକ୍ତା ପି.ଏନ୍.ଜି. ସପକ୍ଷରେ ସ୍ୱେଚ୍ଛାକୃତ ଭାବେ ସେମାନଙ୍କର ଏଲ୍.ପି.ଜି. ସଂଯୋଗ ହସ୍ତାନ୍ତର କରିଛନ୍ତି ବୋଲି ଶ୍ରୀମତୀ ଶର୍ମା କହିଛନ୍ତି ।

ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ମୁକେଶ ମଙ୍ଗଲ କହିଛନ୍ତି, ଉପସାଗରୀୟ ଅଞ୍ଚଳରେ ସମସ୍ତ ନାବିକ

ସୁରକ୍ଷିତ ଅଛନ୍ତି । ଏ ପର୍ଯ୍ୟନ୍ତ ୨ହଜାର ୮୦୦ରୁ ଅଧିକ ଭାରତୀୟ ନାବିକ ସୁରକ୍ଷିତ ଭାବେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି ।

## ଡିଆର୍‌ଡିଓ-ବ୍ରହ୍ମୋସ୍

ଗତ ଆର୍ଥିକ ବର୍ଷରେ ବ୍ରହ୍ମୋସ୍ ଏରୋ ସ୍ପେସ୍ ରାଜସ୍ୱ ୫ ହଜାର ୨୦୦ କୋଟି ଟଙ୍କା ଅତିକ୍ରମ କରିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରତିରକ୍ଷା ଗବେଷଣା ବିକାଶ ସଂଗଠନ – ଡି.ଆର୍.ଡି.ଓ. ଏହି ସୂଚନା ପ୍ରଦାନ କରିଛି । ଗତ ଆର୍ଥିକ ବର୍ଷରେ ସ୍ୱାକ୍ଷରିତ ୪ ହଜାର କୋଟି ଟଙ୍କାର ଦୁଇଟି ରପ୍ତାନୀ ଅର୍ଡର୍ ମାଧ୍ୟମରେ ବ୍ରହ୍ମୋସ୍ ଏରୋସ୍ପେସ୍ ବିଶ୍ୱ ବଜାରରେ ନିଜ ପାଇଁ ମାର୍ଗ ଉନ୍ମୁକ୍ତ କରିପାରିଛି ବୋଲି ଡି.ଆର୍.ଡି.ଓ. କହିଛି । ନୂତନ ଲକ୍ଷ୍ନୌ କେନ୍ଦ୍ରର ବ୍ୟବସ୍ଥା କାର୍ଯ୍ୟକାରୀ ହେବାର ଗୋଟିଏ ବର୍ଷ ମଧ୍ୟରେ କ୍ଷେପଣାସ୍ତ୍ରର ପ୍ରଥମ ପର୍ଯ୍ୟାୟ ଉତ୍ପାଦ ଆରମ୍ଭ ହୋଇଛି ବୋଲି ଡି.ଆର୍.ଡି.ଓ. ସୂଚନା ଦେଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଆଧାରିତ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ରପ୍ତାନୀ ଏହା ମାଧ୍ୟମରେ ପୂରଣ ହେଇପାରୁଛି ବୋଲି ଡି.ଆର୍.ଡି.ଓ. କହିଛି । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସଶସ୍ତ୍ର ବାହିନୀର ସମସ୍ତ ଆବଶ୍ୟକତାକୁ ବ୍ରହ୍ମୋସ୍

ଏରୋସ୍ପେସ୍ ପୂରଣ କରିପାରୁଛି ବୋଲି ଡି.ଆର୍.ଡି.ଓ. ପକ୍ଷରୁ କୁହାଯାଇଛି ।

## ଆଇପିଏଲ୍

ଆପିଏଲ୍ କ୍ରିକେଟ୍‌ରେ ଆଉ କିଛି ସମୟ ପରେ ରୟାଲ୍ ଚାଲେଞ୍ଜର୍ସ୍ ବେଙ୍ଗାଲୁରୁ ଏବଂ ଗୁଜରାଟ ଟାଇଟନ୍ସ ମଧ୍ୟରେ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ଠାରେ ମ୍ୟାଚ୍ ଆରମ୍ଭ ହେବ । ଗୁଜରାଟ ଟାଇଟନ୍ସ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।